# NATIONAL NEWS BULLETIN (ODIA)

## 25 July - 2024

## Morning Bulletin : 7.15 A.M.

************************************

## ମୁଖ୍ୟ ସମ୍ବାଦ

- ଭାରତ ଓ ବ୍ରିଟେନ୍ ଦ୍ୱିପକ୍ଷିୟ ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ଦିଗରେ ନିଜର ପ୍ରତିଶ୍ରୁତିବଦ୍ଧତା ଦୋହରାଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।
- ଓଡ଼ିଶାରେ ରେଳ ଭିତ୍ତିଭୂମି ବିକାଶ ଲାଗି ଚଳିତ ବଜେଟ୍‌ରେ ରେକର୍ଡ଼ ପରିମାଣ ଅନୁଦାନର ବ୍ୟବସ୍ଥା କରିଛନ୍ତି କେନ୍ଦ୍ର ସରକାର, କହିଲେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ।
- କେନ୍ଦ୍ର ସରକାର ଦେଶର ଅପହଞ୍ଚ ଓ ସୀମାବର୍ତ୍ତୀ ଗ୍ରାମ ଗୁଡ଼ିକରେ ମୋବାଇଲ୍ ନେଟ୍‌ୱର୍କ ସମ୍ପ୍ରସାରଣ କରୁଛନ୍ତି ବୋଲି ଯୋଗାଯୋଗ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କ ସୂଚନା ।
- ଓଡ଼ିଶା ବିଧାନସଭାରେ ଆଜି ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ କରିବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।

ଏବଂ

- ମହିଳା ଏସିଆକପ୍ କ୍ରିକେଟ୍ ପ୍ରତିଯୋଗିତାର ଗତକାଲି ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚ୍‌ରେ ଶ୍ରୀଲଙ୍କା' ଥାଇଲାଣ୍ଡ ବିପକ୍ଷରେ ୧୦ ୱିକେଟ୍‌ରେ ବିଜୟଲାଭ କରିଛି ।

# ପିଏମ୍

ବ୍ରିଟେନ୍ ବୈଦେଶିକ ମନ୍ତ୍ରୀ ଡାଭିଡ୍ ଲାମି ଗତକାଲି ନୂଆଦିଲ୍ଲୀ ଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସାକ୍ଷାତ କରି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିଛନ୍ତି । ଏ ସମ୍ପର୍କରେ ସାମାଜିକ ଗଣମାଧ୍ୟମରେ ସୂଚନା ଦେଇ ଶ୍ରୀ ମୋଦୀ ଭାରତ ଓ ବ୍ରିଟେନ୍ ମଧ୍ୟରେ ସମନ୍ୱିତ ରଣନୈତିକ ଭାଗିଦାରୀକୁ ଅଧିକ ସଶକ୍ତ କରିବା ଉଦ୍ଦେଶ୍ୟରେ ତାଙ୍କର ବ୍ରିଟେନ୍ ପ୍ରତିପକ୍ଷ କେର୍ ଷ୍ଟାର୍‌ମର୍‌ଙ୍କ ପଦକ୍ଷେପକୁ ପ୍ରଶଂସା କରିଛନ୍ତି । ସେ କହିଛନ୍ତି, ଦ୍ୱିପକ୍ଷିୟ ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ଦିଗରେ ଭାରତ ସମ୍ପୂର୍ଣ୍ଣ ପ୍ରତିଶ୍ରୁତିବଦ୍ଧ । ଦୁଇ ଦେଶର ସ୍ୱାର୍ଥ ଲାଗି ଦ୍ୱିପକ୍ଷିୟ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ଏବଂ ବୈଷୟିକ ଜ୍ଞାନକୌଶଳ ନିରାପତ୍ତା ବ୍ୟବସ୍ଥାକୁ ଶ୍ରୀ ମୋଦୀ ସ୍ୱାଗତ କରିଛନ୍ତି ।

## ଜୟଶଙ୍କର

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ବିଭିନ୍ନ ବୈଶ୍ୱିକ ସମସ୍ୟାର ସମାଧାନ ଲାଗି ବିଶ୍ୱସ୍ତରରେ ଭାରତ ଓ ବ୍ରିଟେନ୍ ମିଳିତ ଉଦ୍ୟମ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି । ଗତକାଲି ଦିଲ୍ଲୀ ଠାରେ ଡକ୍ଟର ଜୟଶଙ୍କର ତାଙ୍କର ବ୍ରିଟେନ୍ ପ୍ରତିପକ୍ଷ ଡେଭିଡ୍ ଲାମିଙ୍କ ସହିତ ଆଲୋଚନା ଅବସରରେ ଏହା କହିଛନ୍ତି । ସେ କହିଛନ୍ତି, ଭାରତ-ବ୍ରିଟେନ୍ ଦ୍ୱିପକ୍ଷିୟ ସମ୍ପର୍କ ଅନେକ ଗୁରୁତ୍ୱପୂର୍ଣ୍ଣ ଏବଂ ଏହାର ବହୁବିଧ ସମ୍ଭାବ୍ୟ ରହିଛି । ବିଶ୍ୱସ୍ତରରେ ବିଭିନ୍ନ କ୍ଷେତ୍ରରେ ଉଭୟ ଦେଶ ସଫଳତାର ସହ ନିଜର ସ୍ଥିତି ଜାହିର କରିପାରିଛନ୍ତି ବୋଲି ଡକ୍ଟର ଜୟଶଙ୍କର କହିଛନ୍ତି ।

## ଅଶ୍ୱିନୀ ବୈଷ୍ଣବ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓଡ଼ିଶାରେ ରେଳ ଭିତ୍ତିଭୂମି ବିକାଶ ଉପରେ ଗୁରୁତ୍ୱାରୋପ କରିବା ସହ ରାଜ୍ୟରେ ଜାରି ରହିଥିବା ରେଳ ପ୍ରକଳ୍ପ କାର୍ଯ୍ୟ ଗୁଡ଼ିକର ସମୀକ୍ଷା କରୁଛନ୍ତି । ଗତକାଲି ଦିଲ୍ଲୀ ଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି, ସେଥିପାଇଁ ଚଳିତ ବର୍ଷ ରାଜ୍ୟକୁ ରେକର୍ଡ

ପରିମାଣର ରେଳ ଅନୁଦାନ ପ୍ରଦାନ କରାଯାଇଛି । ଚଳିତ ଆର୍ଥିକ ବର୍ଷର ସାଧାରଣ ବଜେଟ୍‌ରେ କେନ୍ଦ୍ର ସରକାର ଓଡ଼ିଶାରେ ରେଳ ବିକାଶ ଲାଗି ୧୦ ହଜାର ୫୮୬ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି ।

ଓଡ଼ିଶାରେ ଗତ ୧୦ ବର୍ଷ ମଧ୍ୟରେ ତିନି ଗୁଣ ନୂତନ ରେଳ ଲାଇନ୍ ନିର୍ମାଣ କରାଯାଇଛି ବୋଲି ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି । ଗତ ୧୦ ବର୍ଷ ମଧ୍ୟରେ ଓଡ଼ିଶାରେ ରେଳ ଭିତ୍ତିଭୂମି ବିକାଶ ସମ୍ପର୍କରେ ସୂଚନା ଦେଇ ସେ କହିଛନ୍ତି, ୨୦୦୯ରୁ ୨୦୧୪ ମସିହା ମଧ୍ୟରେ ରାଜ୍ୟରେ ବାର୍ଷିକ ହାରାହାରି ୫୩ କିଲୋମିଟର ନୂତନ ରେଳ ଲାଇନ୍ ନିର୍ମାଣ ହୋଇଥିଲା । ତେବେ ୨୦୧୪ରୁ ୨୦୨୪ ମସିହା ମଧ୍ୟରେ ଏହା ତିନି ଗୁଣରୁ ଅଧିକ ବୃଦ୍ଧି ପାଇ ୧୮୩ କିଲୋମିଟରରେ ପହଞ୍ଚିଛି । କେନ୍ଦ୍ର ସରକାର ଓଡ଼ିଶାରେ ରେଳ ଲାଇନ୍‌ର ଶତପ୍ରତିଶତ ବିଦ୍ୟୁତ୍‌କରଣ କାର୍ଯ୍ୟ ଇତିମଧ୍ୟରେ ସମ୍ପୂର୍ଣ୍ଣ କରିଛନ୍ତି ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି । ସେ କହିଛନ୍ତି, ବର୍ତ୍ତମାନ ରାଜ୍ୟରେ ୫୪ ହଜାର ୪୩୪ କୋଟି ଟଙ୍କା ବ୍ୟୟରେ ୪ହଜାର ୧୭ କିଲୋମିଟର ଲମ୍ବ ୪୦ଟି ରେଳ ଲାଇନ୍ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଜାରି ରହିଛି । ଏହାଛଡ଼ା ୨୦୧୪ ମସିହା ପରଠାରୁ ବର୍ତ୍ତମାନ ସୁଦ୍ଧା ଓଡ଼ିଶାରେ ୪୨୭ଟି ଫ୍ଲାଏଓଭର ଓ ଅଣ୍ଡର ବ୍ରିଜ୍ କାର୍ଯ୍ୟ ହୋଇଥିବା ସେ କହିଛନ୍ତି ।

ସେହିପରି ରାଜ୍ୟରେ ୫୯ଟି ଷ୍ଟେସନ୍‌କୁ ଅମୃତ ଷ୍ଟେସନ୍ ଭାବେ ବିକଶିତ କରିବା ଲାଗି କାମ ଜାରି ରହିଛି । ବହୁ ବର୍ଷ ଧରି ଓଡ଼ିଶାରେ ରେଳ ଭିତ୍ତିଭୂମିର ବିକାଶ ଲାଗି ଯାହା ଆବଶ୍ୟକତା ଥିଲା ସେସବୁ ଏବେ କେନ୍ଦ୍ର ସରକାର ପୂରଣ କରୁଛନ୍ତି ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

## ନେଟ୍‌ୱର୍କ-ସିନ୍ଧିଆ

କେନ୍ଦ୍ର ସରକାର ଦେଶର ଅପହଞ୍ଚ ଗ୍ରାମ ଗୁଡ଼ିକରେ ମୋବାଇଲ୍ ନେଟ୍‌ୱର୍କ ସମ୍ପ୍ରସାରଣ କରୁଛନ୍ତି ବୋଲି ଯୋଗାଯୋଗ ଏବଂ ଉତ୍ତର ପୂର୍ବାଞ୍ଚଳ ବିକାଶ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ କହିଛନ୍ତି । ଗତକାଲି ଲୋକସଭାରେ ଏ ସମ୍ପର୍କିତ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ଶ୍ରୀ ସିନ୍ଧିଆ କହିଛନ୍ତି, ଦେଶର ୧୭ ହଜାର ୬୧୧ଟି ସୀମା ସଂଲଗ୍ନ ଗ୍ରାମ ଗୁଡ଼ିକ ମଧ୍ୟରୁ ପ୍ରାୟ ୧୬ ହଜାର ୮୧୮ଟି ଗ୍ରାମକୁ ମୋବାଇଲ୍ ସଂଯୋଗୀକରଣ କରାଯାଇସାରିଛି । ସେଥିମଧ୍ୟରୁ ୧୬ ହଜାର ୫୧୫ଟି ଗ୍ରାମରେ ଫୋର୍-ଜି ମୋବାଇଲ୍ ସଂଯୋଗୀକରଣ ବ୍ୟବସ୍ଥା କରାଯାଇଛି । ଦେଶର ଅପହଞ୍ଚ ଗ୍ରାମ ଗୁଡ଼ିକରେ ୟୁନିଭରସିଆଲ୍ ସର୍ଭିସ୍ ଓବ୍ଲିଗେସନ୍ ପାଣ୍ଠି ମାଧ୍ୟମରେ ସରକାର ଏହି ଯୋଗାଯୋଗ ବ୍ୟବସ୍ଥାର ସୁବିଧା ଯୋଗାଇ ଦେଉଛନ୍ତି ବୋଲି ଶ୍ରୀ ସିନ୍ଧିଆ କହିଛନ୍ତି ।

# ପିଏମ୍-ଲଦାଖ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କାର୍ଗିଲ୍ ବିଜୟ ଦିବସର ୨୫ତମ ପୂର୍ତ୍ତି ଅବସରରେ ଆସନ୍ତାକାଲି ଦ୍ରାସ୍ ଠାରେ ଆୟୋଜିତ ହେବାକୁ ଥିବା ସ୍ୱତନ୍ତ୍ର ସମାରୋହରେ ଯୋଗ ଦେବେ । ଏହି ଅବସରରେ ପ୍ରଧାନମନ୍ତ୍ରୀ ସେଠାରେ ଯୁଦ୍ଧ ସ୍ମାରକୀରେ ଦେଶ ଲାଗି ନିଜ ଜୀବନ ଉତ୍ସର୍ଗ କରିଥିବା ବୀର ସୈନିକଙ୍କ ପ୍ରତି ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିବେ । ଏହାଛଡ଼ା ଶ୍ରୀ ମୋଦୀ ଦେଶକୁ ସମ୍ବୋଧିତ କରିବାର କାର୍ଯ୍ୟକ୍ରମ ରହିଛି ।

ଏହି ଅବସରରେ ଆସନ୍ତାକାଲି ସେଠାରେ ମହିଳା ମୋଟର ବାଇକ୍ ର୍ୟାଲିର ଆୟୋଜନ କରାଯାଇଛି । ଏ ସମ୍ପର୍କରେ ପ୍ରତିରକ୍ଷା ବିଭାଗ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଭାରତୀୟ ସୈନିକ ତଥା ବିଶେଷ କରି ନାରୀ ଶକ୍ତି ପ୍ରତି ସମ୍ମାନ ଜଣାଇ ସେନାର ୨୫ ଜଣ ଅଭିଜ୍ଞ ମହିଳା ଏହି ମୋଟର ବାଇକ୍ ର୍ୟାଲିରେ ଅଂଶଗ୍ରହଣ କରିବେ ।

# ଓଡ଼ିଶା-ବଜେଟ୍

ଓଡ଼ିଶା ବିଧାନସଭାରେ ଆଜି ରାଜ୍ୟ ବଜେଟ୍ ଉପସ୍ଥାପନ କରାଯିବ । ଅର୍ଥ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ

ମାଝି ଏହି ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ କରିବେ । ବିଜେପି ସରକାର ପ୍ରଥମ କରି ରାଜ୍ୟ ବିଧାନସଭାରେ ୨୦୨୪-୨୫ ଆର୍ଥିକ ବର୍ଷ ଲାଗି ଏହି ବଜେଟ୍ ଉପସ୍ଥାପନ କରିବାକୁ ଯାଉଛି । ଗତ ଫେବୃୟାରୀ ୮ ତାରିଖରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସରକାର ୧ଲକ୍ଷ ୧୮ ହଜାର କୋଟି ଟଙ୍କାର ଅନ୍ତରିଣ ବଜେଟ୍ ଉପସ୍ଥାପନ କରିଥିଲେ । ୨୦୨୪-୨୫ ଆର୍ଥିକ ବର୍ଷର ପ୍ରଥମ ୪ ମାସ ଖର୍ଚ୍ଚ ବହନ ଲାଗି ଏହି ବଜେଟ୍‌ରେ ବ୍ୟବସ୍ଥା କରାଯାଇଥିଲା ।

## ବାନ୍ଦି ସଂଜୟ କୁମାର

ଦେଶ ବ୍ୟାପି ୧୭ ହଜାରରୁ ଊର୍ଦ୍ଧ୍ୱ ପୋଲିସ୍ ଥାନାକୁ ଏ ପର୍ଯ୍ୟନ୍ତ ଅପରାଧ ଓ ଅପରାଧିକ ଟ୍ରାକିଂ ନେଟ୍‌ୱର୍କ ସିଷ୍ଟମ୍ – ସି.ସି.ଟି.ଏନ୍.ଏସ୍. ରେ ସଂଯୋଗ କରାଯାଇପାରିଛି । ଗତକାଲି ରାଜ୍ୟସଭାରେ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ବାନ୍ଦି ସଂଜୟ କୁମାର ଏ ସମ୍ପର୍କିତ ପ୍ରଶ୍ନର ଲିଖିତ ଉତ୍ତରରେ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି, ସି.ସି.ଟି.ଏନ୍.ଏସ୍. ମାଧ୍ୟମରେ ଅପରାଧ ଏବଂ ଅପରାଧିମାନଙ୍କର ସମ୍ପର୍କିତ ବିଭିନ୍ନ ତଥ୍ୟ ସମେତ ଅଭିଯୋଗ, ଏଫ୍.ଆଇ.ଆର୍., ତଦନ୍ତର ସର୍ବଶେଷ ସ୍ଥିତି ଏବଂ ଅଭିଯୋଗ ଫର୍ଦ୍ଦ ସାଧାରଣରେ ଉପଲବ୍ଧ ହୋଇଥାଏ । ଏହାଦ୍ୱାରା ଦେଶର

ନାଗରିକଙ୍କ ସମେତ ରାଜ୍ୟ ତଥା କେନ୍ଦ୍ରୀୟ ପୁଲିସ୍ କର୍ତ୍ତୃପକ୍ଷ ମଧ୍ୟ ଉପକୃତ ହୋଇଥାନ୍ତି ।

## ଲଦାଖ–ଟିବି ମୁକ୍ତ

ଲଦାଖର ୫୮ଟି ପଞ୍ଚାୟତ ଇତିମଧ୍ୟରେ 'ଟିବି' ମୁକ୍ତ ପଞ୍ଚାୟତ ଭାବେ ଯୋଗ୍ୟତା ହାସଲ କରିଛି । ଉତ୍ତମମାନର ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ସହିତ ଏକ ସମୃଦ୍ଧ ଭବିଷ୍ୟତ ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଶୁଭାରମ୍ଭ କରାଯାଇଥିବା ଏ ସମ୍ପର୍କିତ ଅଭିଯାନରେ ଲଦାଖର ଏହି ୫୮ଟି ପଞ୍ଚାୟତ ସାମିଲ ହୋଇଛନ୍ତି । ଗତ ବର୍ଷ ମାର୍ଚ୍ଚ ୨୪ ତାରିଖରେ  ବିଶ୍ୱ ଟିବି ଦିବସ ଅବସରରେ ବାରାଣସୀ ଠାରୁ ଏହି ଅଭିଯାନ ଆରମ୍ଭ କରାଯାଇଥିଲା । ଏହି ରୋଗର ଭୟାବହତା ଠାରୁ ଜନସାଧାରଣଙ୍କୁ ସୁରକ୍ଷା ଦେବା ଉଦ୍ଦେଶ୍ୟରେ ସ୍ଥାନୀୟ ପ୍ରଶାସନ ସହଯୋଗରେ ଜନସଚେତନତା ସୃଷ୍ଟି କରାଯିବା ସହିତ ଆବଶ୍ୟକ ପଦକ୍ଷେପ ନିଆଯାଉଛି । ଗତବର୍ଷ ଦେଶର ୧୭ ହଜାର ୪୯୦ଟି ଗ୍ରାମପଞ୍ଚାୟତ ଏହି ଲକ୍ଷ୍ୟ ହାସଲ କରିସାରିଛନ୍ତି ।

# ଏଲ୍‌ଏସ୍‌-କୋଲ

ଦେଶରେ କୋଇଲା ଖଣିର ଘରୋଇକରଣ କରାଯିବାର  କୌଣସି ଯୋଜନା ନାହିଁ ବୋଲି କୋଇଲା ଓ ଖଣି ମନ୍ତ୍ରୀ ଜି. କିଶନ୍ ରେଡ୍ଡୀ କହିଛନ୍ତି । ଗତକାଲି ଲୋକସଭାରେ ତେଲଙ୍ଗାନାର ସିଙ୍ଗାରେଣି କୋଇଲା ଖଣିର ଘରୋଇକରଣ ସମ୍ପର୍କିତ ପ୍ରଶ୍ନର ଉତ୍ତରରେ ସେ କହିଛନ୍ତି, ଏହି ଖଣିର ଘରୋଇକରଣ ନେଇ କୌଣସି ଯୋଜନା ନାହିଁ । ଏହି କୋଇଲା ଖଣିର ୫୧ ପ୍ରତିଶତ ଅଂଶ ରାଜ୍ୟ ସରକାରଙ୍କ ପାଖରେ ଥିବାବେଳେ ୪୯ ପ୍ରତିଶତ କେନ୍ଦ୍ର ସରକାରଙ୍କ ନିକଟରେ ଅଛି । ତେବେ ସିଙ୍ଗାରେଣି କୋଇଲା ଖଣିକୁ ସୁଦୃଢ଼ କରିବା ଲାଗି ସରକାର ଗୁରୁତ୍ୱ ଦେଉଛନ୍ତି । କୋଇଲା କ୍ଷେତ୍ରରେ ସ୍ୱଚ୍ଛତା ଆଣିବା ଲାଗି ନରେନ୍ଦ୍ର ମୋଦୀଙ୍କ ସରକାର ପ୍ରାଧାନ୍ୟ ଦେଉଛନ୍ତି । କୋଲ ଇଣ୍ଡିଆ ଲିମିଟେଡ୍ ଅଧୀନରେ ଦେଶରେ ୩୨୨ଟି କୋଇଲାଖଣି କାର୍ଯ୍ୟକ୍ଷମ ଥିବାବେଳେ ୫୪ଟି ବାଣିଜ୍ୟିକ ଖଣି କାର୍ଯ୍ୟ କରୁଛି । ଆସନ୍ତା ମାସରେ ୧୫ଟି କୋଇଲା ଖଣି କାର୍ଯ୍ୟକ୍ଷମ ହେବ । ଏହି ଅବସରରେ ସେ କହିଛନ୍ତି, ଦେଶରେ କୋଇଲାର କୌଣସି ଅଭାବ ନାହିଁ ।

# କ୍ରିକେଟ୍

ମହିଳା ଏସିଆକପ୍ କ୍ରିକେଟ୍ ପ୍ରତିଯୋଗିତାର ଗତକାଲି ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚ୍‌ରେ ଶ୍ରୀଲଙ୍କା ଥାଇଲାଣ୍ଡ ବିପକ୍ଷରେ ୧୦ ଓ୍ୱିକେଟ୍‌ରେ ବିଜୟଲାଭ କରିଛି । ଶ୍ରୀଲଙ୍କାର ଦାମ୍ବୋଲା ଆନ୍ତର୍ଜାତିକ ଷ୍ଟାଡିୟମ୍ ଠାରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ଥାଇଲାଣ୍ଡ ନିର୍ଦ୍ଧାରିତ ୨୦ ଓଭରରେ ୭ ଓ୍ୱିକେଟ୍ ହରାଇ ମାତ୍ର ୯୩ରନ୍ କରିବାକୁ ସକ୍ଷମ ହୋଇଥିଲା । ଦଳ ପକ୍ଷରୁ ନାନାପାଟ କୋଞ୍ଚା-ରୋଏଙ୍କାଇ ୪୭ଟି ବଲ୍‌ରୁ ୫୩ରନ୍ କରି ଅପରାଜିତ ରହିଥିଲେ । ୯୪ରନ୍ ବିଜୟଲକ୍ଷ୍ୟର ପିଛା କରି ଶ୍ରୀଲଙ୍କା ୧୧ ଓଭର ୩ଟି ବଲ୍‌ରେ ଆବଶ୍ୟକ ରନ୍ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ଚାମାରି ଆଟାପାଟୁ ସର୍ବାଧିକ ୪୯ରନ୍ କରି ଅପରାଜିତ ଥିଲେ । ଆସନ୍ତାକାଲି ଅନୁଷ୍ଠିତ ହେବାକୁ ଥିବା ଦ୍ୱିତୀୟ ସେମିଫାଇନାଲ୍‌ରେ ଶ୍ରୀଲଙ୍କା ପାକିସ୍ତାନକୁ ଭେଟିବାକୁ ଥିବା ବେଳେ ପ୍ରଥମ ସେମିଫାଇନାଲ୍‌ରେ ଭାରତ ଓ ବାଂଲାଦେଶ ମଧ୍ୟରେ ମୁକାବିଲା ହେବ । ଗତକାଲି ଏହି ଟୁର୍ଣ୍ଣାମେଣ୍ଟର ଅନ୍ୟ ଏକ ମ୍ୟାଚ୍‌ରେ ବାଂଲାଦେଶ ମାଲେସିଆକୁ ୧୧୪ରନ୍‌ରେ ପରାସ୍ତ କରିଛି ।

# କ୍ରୋଏସିଆ ଓପନ୍

କ୍ରୋଏସିଆ ଓପନ୍ ଟେନିସ୍ ଟୁର୍ଣ୍ଣାମେଣ୍ଟର ପୁରୁଷ ଡବଲ୍ସ କ୍ୱାର୍ଟର ଫାଇନାଲ୍ ମ୍ୟାଚ୍‌ରେ ଭାରତର ୟୁକି ଭାମରି ଏବଂ ଫ୍ରାନ୍ସର ଆଲବାନୋ ଓଲିଭେଟିଙ୍କ ଯୋଡ଼ି ପରାସ୍ତ ହୋଇଛନ୍ତି ।ଏହି ଯୋଡ଼ିକୁ ଫ୍ରାନ୍ସର ମାନୁଏଲ୍ ଗିନାର୍ଡ୍ ଏବଂ ଗ୍ରେଗୋଏର ଜ୍ୟାକ୍‌ଙ୍କ ଯୋଡ଼ି ୪-୬, ୬-୧, ୬-୧୦ ସେଟ୍‌ରେ ପରାସ୍ତ କରିଛନ୍ତି । ଆଜି ଅନୁଷ୍ଠିତ ହେବାକୁ ଥିବା ପ୍ରଥମ ସେମିଫାଇନାଲ୍ ମ୍ୟାଚ୍‌ରେ ଫ୍ରାନ୍ସର ଏହି ବିଜୟୀ ଯୋଡ଼ିଙ୍କ ସହିତ ବ୍ରାଜିଲ୍‌ର ମାର୍ସେଲୋ ଜର୍ମାନ୍ ଏବଂ ଫର୍ଣ୍ଣାଣ୍ଡୋ ରୋମ୍ବୋଲିଙ୍କ ଯୋଡ଼ିର ମୁକାବିଲା ହେବ । ସେହିଭଳି ଅନ୍ୟ ଏକ ସେମିଫାଇନାଲ୍ ମ୍ୟାଚ୍‌ରେ ଆର୍ଜେଣ୍ଟିନାର ଗୁଇଡୋ ଆଣ୍ଡ୍ରେଓଜି ଏବଂ ମେକ୍ସିକୋର ମିଗ୍‌ୱେଲ୍ ଆଙ୍ଗେଲ୍ ରେସ୍-ଭାରେଲାଙ୍କ ଯୋଡ଼ି' ୟୁକ୍ରେନ୍‌ର ଡେନିସ୍ ମୋଲଚାନୋଭ୍ ଓ ନେଦରଲାଣ୍ଡର ସାଣ୍ଡେର ଆରେଣ୍ଡସ୍ ଯୋଡ଼ିକୁ ଭେଟିବେ ।